ଏପିସୋଡ ୩୩

# ମାଛଧରାର ପ୍ରଭାବ

ମୂଳ ଲେଖା: ଇ ଆର ସୁବ୍ରମଣ୍ୟମ୍

ଓଡ଼ିଆ ରୂପାନ୍ତର: ସୃଜନିକା, ଭୁବନେଶ୍ୱର

ପାତ୍ର

ସାଗର ମସ୍ୟ ବିଭାଗ ଅଧିକାର (୫୦ ବର୍ଷ)

ଧାରା ସାଗରଙ୍କ ପତ୍ନୀ ପରିବେଶବିତ୍

ମୀନା ମସ୍ୟ ବିଭାଗ ଅଧିକାରୀଙ୍କ ଝିଅ

ଆନନ୍ଦ ସାଗରଙ୍କ ସାଙ୍ଗ, ମାଛ ବ୍ୟବସାୟୀ

ବସୁଧା ପ୍ରାଣୀବିଜ୍ଞାନୀ ଛାତ୍ରୀ

ଜଲିଆ ମାଛଧରାଳୀ, ଗାଁର ସରପଞ୍ଚ

ଜଲିଆ: ଆନନ୍ଦ ଭାଇ, ଏଇ ନିଅ ତମ ଚିଠି ଆସିଛି। ତମ ଘରେ କେହି ନ ଥିଲେ, ସେଥିପାଇଁ ଡାକବାଲା ମତେ ଦେଇ ଗଲା ତମକୁ ଦେଇଦେବା ପାଇଁ।

ଆନନ୍ଦ: ଧନ୍ୟବାଦ ଜଲିଆ। ଏ ଚିଠି ମୋ ସାଙ୍ଗ ସାଗର ଦେଇଛି। ତମର ତା କଥା ମନେ ଅଛି ନା? ପୂରା ବାର ବର୍ଷ ପରେ ସେ ଆସୁଛି। ମତେ

ବହୁତ ଖୁସି ଲାଗୁଛି।

ଜଲିଆ: ସାଗର... ଆଁ.. ହଁ... ମନେପଡ଼ିଲା। ଆମେ ସମସ୍ତେ ଏଠି ପ୍ରାଥମିକ ସ୍କୁଲରେ ପଢୁଥିଲେ। ମୁଁ ତ ପଞ୍ଚମ ଶ୍ରେଣୀ ପରେ ପଢ଼ା ଛାଡ଼ିଦେଲି। ମାଛ ବ୍ୟବସାୟରେ ବାପାଙ୍କୁ ସାହାଯ୍ୟ କରିବା ପାଇଁ ଏଇଠି ଅଟକି ରହିଲି। ତମେମାନେ ଅଧିକ ପଢ଼ିବା ପାଇଁ ସହରକୁ ଚାଲିଗଲ।

ଆନନ୍ଦ: ହଁ।

ଜଲିଆ: ସେ କେବେ ଆସୁଛି? ଆଉ କ'ଣ ଲେଖିଛି ଚିଠିରେ?

ଆନନ୍ଦ: ସେ ରବିବାର ଆସିବ। ଏବେ ତ ସେ ମତ୍ସ୍ୟ ବିଭାଗର ଅଧିକାରୀ ହୋଇଗଲାଣି। ଆଉ ତା'ର ଚାକିରି ଏବେ ଆମ ଜିଲାରେ। ସେ ଆମ ଗାଁ ଆସି ପୁରୁଣା ସାଙ୍ଗମାନଙ୍କୁ ଭେଟିବ, ତା ସହିତ ମାଛ ବ୍ୟବସାୟ କରୁଥିବା ଲୋକଙ୍କର ସମସ୍ୟା ବିଷୟରେ ବି ଜାଣିବ।

ଜଲିଆ: ସେ କେମିତି ଆସିବ? ତାକୁ ଆଣିବା ପାଇଁ କିଏ ଯିବ? ଆମ ଗାଁ ରାସ୍ତା ତ ବହୁତ ଖରାପ।

ଆନନ୍ଦ: ସେ ତା ଅଫିସ ଜିପ୍‌ରେ ଆସିବ। ମୁଁ ତାକୁ ସହରର ଅଫିସରେ ଭେଟିବି ଆଉ ତା ପରେ ଏଠିକୁ ନେଇ ଆସିବି।

ଜଲିଆ: ହଁ ଠିକ ହେବ। ମୁଁ ବି ଏଠିକି ଆସିଯିବି ଆଉ ଆମେ ତାକୁ ଗାଁ ବୁଲେଇବା।

ଦୃଶ୍ୟ ପରିବର୍ତ୍ତନ

ଆନନ୍ଦ: ନମସ୍କାର ସାଗର।

ସାଗର: ଆରେ ଆନନ୍ଦ!! ନମସ୍କାର। ଆସ ଆସ। ବସ।

ଆନନ୍ଦ: ସାଗର, ବହୁତ ବର୍ଷ ପରେ ତମ ସହ ଭେଟ ହେଉଛି, ବହୁତ ଖୁସି ଲାଗୁଛି।

ସାଗର: ମତେ ବି!! ଆଉ କୁହ, ତମେମାନେ କେମିତି ଅଛ? ପେଣ୍ଟକଟାର ଖବର କ'ଣ?

ଆନନ୍ଦ: ହାଲଚାଲ ବହୁତ ଭଲ ନୁହେଁ ସାଗର। ମୁଁ ତ ମୋ ପରିବାର ନେଇ ଏଇ ସହରରେ ରହିଯାଇଛି। ପେଣ୍ଟକଟା ଆଉ ତା ଆଖପାଖ ଅଞ୍ଚଳ ବହୁତ ବଦଳି ଗଲାଣି। କିଛି ବର୍ଷ ପୂର୍ବେ କେତେଜଣ ମଛୁଆ ଗାଁ ଛାଡ଼ି ଚାଲିଗଲେଣି।

ସାଗର: ବହୁତ ଦୁଃଖର କଥା। ଏହି ଉପକୂଳ ଗାଁରେ କେତେ ପରିବାର ଜୀବିକା ପାଇଁ ମାଛ ବ୍ୟବସାୟ ଉପରେ ନିର୍ଭର କରନ୍ତି। ଆଉ ପେଣ୍ଟକଟା ତ ଏହିଭଳି ଏକ ସ୍ୱତନ୍ତ୍ର ଗାଁ। ହଉ, ଆମେ ଗାଁରେ ପହଞ୍ଚି ମୌଳିକ ସ୍ତରରୁ ଦେଖିବା।

ଆନନ୍ଦ: ଆମେ ଗାଁ ବୁଲିବା। ତମେ ଗାଁର ସରପଞ୍ଚ ଆଉ ଅନ୍ୟ ଲୋକଙ୍କୁ ଭେଟି ପରିସ୍ଥିତି ଜାଣିପାରିବ।

ସାଗର: ଠିକ ଅଛି। ଏବେ ଆମେ ଜଳଖିଆ ଖାଇବା। ତା ପରେ ଗାଁ ଯିବା। (କପ୍ ପ୍ଲେଟର ଶବ୍ଦ)

ସାଗର: ଆସ ଆନନ୍ଦ, ଜିପ୍‌ରେ ବସ। ଡ୍ରାଇଭର, ଚାଲ। (ଜିପ୍ ଷ୍ଟାର୍ଟ ହେବା ଶବ୍ଦ)

ଆନନ୍ଦ: ଆମେ ଘଣ୍ଟାଏ ଭିତରେ ଗାଁରେ ପହଞ୍ଚିଯିବା । ବାତ୍ୟା ଆଉ ପ୍ରାୟ ବର୍ଷା ହେଉଥିବା ଯୋଗୁ ରାସ୍ତା ଅବସ୍ଥା ବହୁତ ଖରାପ।

ସାଗର: ଏଠି ତ ବହୁତ ଚିଙ୍ଗୁଡ଼ି ଚାଷ ହେବା ଦେଖୁଛି। ଧାନ କ୍ଷେତ କୁଆଡ଼େ ଗଲା? ଆଉ ନଡ଼ିଆ ବଗିଚା କାହିଁ?

ଆନନ୍ଦ: ହଁ ସାଗର। ବାହାରୁ ଆସୁଥିବା ଅର୍ଥଲଗାଣକାରୀ ବ୍ୟକ୍ତି ଓ ସଂସ୍ଥା ଲିଜ୍‌ରେ ଜମି ସବୁ ନେଇ ଚିଙ୍ଗୁଡ଼ି ଚାଷ ଆରମ୍ଭ କରିଛନ୍ତି।

ସାଗର: ଏତ ନିଶ୍ଚିତ କଥା ଯେ ସେମାନେ ବହୁତ ରୋଜଗାର କରୁଥିବେ।

ଆନନ୍ଦ: କିଛିଦିନ ହେବ ପାଣିପାଗ ବଦଳିବା ଯୋଗୁ ଚିଙ୍ଗୁଡ଼ି ଚାଷରେ ବି ବହୁତ ସମସ୍ୟା ଦେଖାଦେଉଛି।

ସାଗର: ଡ୍ରାଇଭର, ଏଠି ରାସ୍ତାରେ ବହୁତ ଖାଲ ଅଛି, ଟିକେ ଧୀରେ ଗାଡ଼ି ଚଲାଅ।

ଆନନ୍ଦ: ସାଗର, ଆମେ ଗାଁରେ ପହଞ୍ଚିଗଲେ । ଏଠି ପଞ୍ଚାୟତ ଅଫିସ। ଆମେ ଏଇଠି ଓହ୍ଲେଇବା। ଏଇ ଦେଖ, ଜଲିଆ ଆସୁଛି। ଆମ ସାଙ୍ଗରେ ପଢୁଥିଲା। ଏବେ ସେ ଗାଁର ସରପଞ୍ଚ। (ଜିପ୍ ରହୁଛି)

ଜଲିଆ: ନମସ୍କାର ସାଗର! ତମକୁ ସ୍ୱାଗତ। ଆଶାକରୁଛି ମତେ ମନେରଖିଥିବ।

ସାଗର: ତମକୁ କେମିତି ଭୁଲିବି ଜଲିଆ? ଆମେ ଏଠି ସାଙ୍ଗ ହୋଇ ପାଠ ପଢ଼ିଥିଲେ। ଆନନ୍ଦ କହୁଥିଲା ତମେ ଏବେ ଗାଁର ସରପଞ୍ଚ। ମୁଁ ପୂରା ଗାଁ ବୁଲିବାକୁ ଚାହୁଁଛି। ଦେଖିବାକୁ ଚାହୁଁଛି, ଏଠି କେଉଟ ଆଉ ମାଛ

ବ୍ୟବସାୟର ଅବସ୍ଥା କ'ଣ।

ଜଲିଆ: ହଁ ନିଶ୍ଚୟ। ଆମେମାନେ ଗାଁ ଭିତରକୁ ଯିବା। ଆଗ କପେ ଚା ହେଇଯାଉ।

ସାଗର: ଠିକ ଅଛି। ଏଠି ତ ଅନେକ ଘର ଖାଲି ପଡ଼ିଛି। କେତେ କେଉଟ ଘର ଜୀବିକା ଖୋଜିବା ପାଇଁ ଆଖପାଖର ସହରକୁ ଯାଇଛନ୍ତି?

ସାଗର: ରୋଜଗାରକୁ ନେଇ ପୂରା କେଉଟ ସମାଜରେ ଏହା ବହୁତ ବଡ଼ ସମସ୍ୟା। ଆଉ ତା ସହିତ ଯେଉଁ ଦେଶର ଆମଦାନୀ ଅନେକ ପରିମାଣରେ ମାଛ ବ୍ୟବସାୟ ଉପରେ ନିର୍ଭର କରେ। ଏଇ ସମସ୍ୟାର ବିସ୍ତାରପୂର୍ବକ ଖୋଳତାଡ଼ ହେବା ଦରକାର। ଆରେ ହଁ, ଆମ ପ୍ରାଥମିକ ସ୍କୁଲର କ'ଣ ଖବର? ସେ ଏବେ ଉନ୍ନୀତ ହେଲାଣି?

ଜଲିଆ: ନା, ଉନ୍ନୀତ ହୋଇନାହିଁ। ଅନେକ ପରିବାର ଗାଁ ଛାଡ଼ି ଚାଲିଗଲେଣି ତ ସ୍କୁଲରେ ପିଲାଙ୍କ ସଂଖ୍ୟା ବହୁତ କମିଯାଇଛି।

ଆନନ୍ଦ: ହଁ ସାଗର। ଏ କଥା ସତ। ଅନେକ ପରିବାର ଯେଉଁମାନେ ଜୀବିକା ପାଇଁ କେତେ ପିଢ଼ିରୁ ମାଛ ଧରୁଥିଲେ, ଏବେ ତା ଉପରେ ନିର୍ଭର କରିପାରୁ ନାହାନ୍ତି। ଏଠି ଗୋଟିଏ ପରେ ଗୋଟିଏ ଭୟାନକ ବାତ୍ୟା ଆସିଲା, ଲମ୍ବା ସମୟ ଧରି ଏଠି ମରୁଡ଼ି ବି ପଡ଼ିଲା। ଆମ ଗାଁ ଉପରେ ସୁନାମି ପ୍ରଭାବ ବି ପଡ଼ିଲା। ମାଛ ଧରିବା ଜାଲ ଆଉ ନାଆ ଭାସିଗଲା। ଧନସମ୍ପତ୍ତି ବହୁତ ପରିମାଣରେ ନଷ୍ଟ ହେଲା। ଏବେ ମାଛ ବି ବହୁତ କମ୍ ପଡୁଛନ୍ତି। ଆମଦାନୀ ବହୁତ କମିଯାଇଛି।

ଜଲିଆ: ହଁ ଏଇ ପରିବାରର ଯୁବକମାନେ ଏବେ ମାଛ ବ୍ୟବସାୟରୁ ଦୂରେଇ ଯାଇ ଅନ୍ୟ କାମ ଖୋଜୁଛନ୍ତି। ଅନେକ ତ କୋଠା ତିଆରି ପାଖରେ ମଜୁରିଆ ହୋଇ ଯାଇଛନ୍ତି। ଆଉ କେତେ ଜଣ ଇଟାଭାଟି ନହେଲେ ହୋଟେଲରେ କାମ କରୁଛନ୍ତି। ଏମାନଙ୍କ ଭିତରୁ ଯେଉଁମାନେ କିଛି ପାଠ ପଢ଼ିଛନ୍ତି ସେମାନେ ସହରରେ କାମ ଖୋଜୁଛନ୍ତି।

ସାଗର: ଆଚ୍ଛା! ଆମେ ଏ ପାଖରେ ଥିବା ହେନ୍ତାଳ ବଣକୁ ଯାଇ ଦେଖିପାରିବା?

ଜଲିଆ: ହଁ। କିନ୍ତୁ ଗୋଟେ କିଲୋମିଟର ଚାଲିବାକୁ ହେବ।

ସାଗର: ମୁଁ ଏ ଅଞ୍ଚଳକୁ ଜାଣିଛି। ମୋ ପିଲାଦିନ ଏଇଠି କଟିଛି। ମୋ ବାପା ଏଠି ସ୍କୁଲରେ ପ୍ରଧାନଶିକ୍ଷକ ଥିଲେ। ତାଙ୍କର ବଦଳି ହୋଇଯିବାରୁ ଆମେ ଏଠୁ ଚାଲିଗଲୁ।

ଆନନ୍ଦ: ଦେଖ ସାଗର। ଅଧିକାଂଶ ହେନ୍ତାଳ ବଣ କାଟି ଦେଇ ତାକୁ ଏବେ ଚିଙ୍ଗୁଡ଼ି ଚାଷ ପାଇଁ ଲଗାଯାଉଛି।

ସାଗର: ଓହ! ଭୟଙ୍କର!! ଆରେ ସେପଟର ଘରସବୁ କ'ଣ ହେଲା?

ଜଲିଆ: ଅନେକ କୋଠାଘର ବାତ୍ୟା ଯୋଗୁ ବା ମାଟି ଧସିବା ଯୋଗୁ ନଷ୍ଟ ହୋଇଗଲା।

ସାଗର: ମୁଁ ଦେଖିପାରୁଛି, କେମିତି ଗୋଟିଏ ଅତି ସୁନ୍ଦର ମାଛ ବ୍ୟବସାୟ ଶିଳ୍ପ ପ୍ରଭାବିତ ହୋଇଛି। ସବୁ ଉପକୂଳୀୟ ଗାଁର ଅବସ୍ଥା ଏହିଭଳି।

ଆନନ୍ଦ: ହଁ ସାଗର।

ଜଲିଆ: ସାଗର ଆଉ ଆନନ୍ଦ। ଏବେ ବାରଟା ବାଜିଲାଣି। ଖାଇବା ସମୟ ହୋଇଗଲାଣି। ମୁଁ ମୋ ଘରେ ବ୍ୟବସ୍ଥା କରିଛି। ଚାଲ ଯିବା।

(ପ୍ଲେଟ ଆଦିର ଶବ୍ଦ)

ସାଗର: ଧନ୍ୟବାଦ ଜଲିଆ। ଆଉ ଧନ୍ୟବାଦ ସାଗର। ଆସନ୍ତା ସପ୍ତାହରେ ମୁଁ ମୋ ପରିବାରକୁ ସହର ଆଣୁଛି। ତମେ ଦୁହେଁ ଆମ ଘରକୁ ଆସିବ। ମୋ ପତ୍ନୀ ପରିବେଶ ବିଜ୍ଞାନୀ। ଝିଅ ପ୍ରାଣୀବିଜ୍ଞାନର ଛାତ୍ରୀ। ଆମେମାନେ ଏ ସମସ୍ୟା ଉପରେ କଥା ହେବା। ମୁଁ ସରକାରଙ୍କୁ ମୋ ରିପୋର୍ଟ ଦେବି।

ଜଲିଆ/ସାଗର:ଠିକ ଅଛି ସାଗର।

ଦୃଶ୍ୟ ପରିବର୍ତ୍ତନ

ସାଗର: ମୀନା, ଦେଖ ତ କିଏ ଆସିଛନ୍ତି। ଦୁଆର ଖୋଲିଦେଲୁ।

ମୀନା: ନମସ୍କାର ମଉସା। ଆସନ୍ତୁ ବସନ୍ତୁ, ବାପା ଆସୁଛନ୍ତି।

ସାଗର: ଆରେ ଆନନ୍ଦ! ଜଲିଆ!! ଏ ହେଉଛନ୍ତି ମୋ ପତ୍ନୀ ଧାରା। ଆଉ ଏ ମୋ ଝିଅ ମୀନା।

ଧାରା:ନମସ୍କାର। ସାଗର କହୁଥିଲେ ଯେ ଆପଣମାନେ ତାଙ୍କ ପିଲାଦିନର ସାଙ୍ଗ।

ସାଗର: ଆସ, ଆମେ ତମ ଗାଁ ଆଉ କେଉଟମାନଙ୍କର ସମସ୍ୟା ବିଷୟରେ ବିସ୍ତାରରେ କଥା ହେବା। ଧାରା ଆଉ ମୀନା ବି ଆମର ଆଲୋଚନାରେ ବାଗ ନେବାକୁ ଚାହୁଁଛନ୍ତି।

ଧାରା:ଟିକେ ରହନ୍ତୁ, ଆଗ ସମସ୍ତଙ୍କ ପାଇଁ କଫି ନେଇ ଆସୁଛି।

ଆନନ୍ଦ: ଠିକ ଅଛି ଭାଉଜ। (କପ୍ ପ୍ଲେଟର ଶବ୍ଦ)

ସାଗର: ଆଚ୍ଛା ଜଲିଆ, ତମେ ତ ନିଜେ ଜଣେ କେଉଟ । ଏ ବ୍ୟବସାୟର ଅନେକ ଅଭିଜ୍ଞତା ବି ତମର ଅଛି। ଜୀବିକା ପାଇଁ ତମ ପରିବାର ତ ମାଛ ଉପରେ ନିର୍ଭର କରନ୍ତି। ତମେ କ'ଣ ଖୁସି ଅଛ?

ଜଲିଆ: ନା ସାଗର। କେବଳ ଆମ ପରିବାର ନୁହେଁ, ଆହୁରି ଅନେକ କେଉଟ ପରିବାର ବି ଏହି ପରିସ୍ଥିତିରେ ଖୁସି ନାହାନ୍ତି । କେତେଜଣ ତ ଜୀବିକା ଖୋଜି ଗାଁ ଛାଡ଼ି ଚାଲିଗଲେଣି।

ସାଗର: ଆମକୁ ମାଛ ବ୍ୟବସାୟର ଗୁରୁତ୍ୱ ଆଉ ଗତ କିଛିଦିନ ଧରି ତା ଉପରେ ପଡୁଥିବା କୁପ୍ରଭାବ ବିଷୟରେ ଚିନ୍ତା କରିବା କଥା।

ମୀନା: ଆମ ଦେଶ ତଥା ଏସିଆର ଅନେକ ଉପକୂଳ ଅଞ୍ଚଳର ଅଧିକାଂଶ ଗରିବ ଲୋକଙ୍କର ମୁଖ୍ୟ ଖାଦ୍ୟ ହେଉଛି ମାଛ।

ଧାରା:ତୁ ଠିକ କହିଛୁ ମୀନା। ଏଠୁ ନେଇ ବିଶ୍ୱ ସ୍ତର ଯାଏଁ ପୋଷଣ ଆଉ ଲାଭ ଅର୍ଜନ କରିବାରେ ମାଛ ବ୍ୟବସାୟ ଏବଂ ସାମୁଦ୍ରିକ ଖାଦ୍ୟ, ବହୁତ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥାଏ।

ଜଲିଆ: ହଁ, ଏହି ବ୍ୟବସାୟରେ ଆମ ଦେଶର କେତେ ସ୍ତ୍ରୀ ପୁରୁଷଙ୍କୁ ରୋଜଗାର ମିଳିଥାଏ। ମାଛ ଧରି ଆମେ ତାକୁ ନେଇ ବଜାରରେ ବିକ୍ରି କରିଥାଉ। ମହିଳାମାନେ ବି ଏଥିରେ ସାମିଲ ହୋଇ ପରିବାରର ଆମଦାନୀ ବଢ଼ାଇବାରେ ସାହାଯ୍ୟ କରନ୍ତି।

ସାଗର: ହଁ, ମତ୍ସ୍ୟ ବ୍ୟବସାୟ ଯୋଗୁ ଆମ ଦେଶର ଅନେକ ଲୋକଙ୍କୁ ରୋଜଗାର ମିଳିଥାଏ। ମାଛ ବେପାର ଆମ ଦେଶ ସହିତ ଅନ୍ୟ କେତେକ ବିକାଶଶୀଳ ଦେଶର ଆର୍ଥିକ ଉନ୍ନତି ଆଣିବାରେ ସହାୟତା କରେ।

ମୀନା: ମୁଁ ମୋ ବହିରେ ପଢ଼ିଛି ଯେ ଖାଇବା ଦୃଷ୍ଟିରୁ ମାଛ ବହୁତ ସୁରକ୍ଷିତ ଖାଦ୍ୟ। ତା ସହିତ ଖାଦ୍ୟର ବିବିଧତା ଦୃଷ୍ଟିରୁ ବି ବହୁତ ଗୁରୁତ୍ୱପୂର୍ଣ୍ଣ।

ସାଗର: ଠିକ କହିଛୁ ମୀନା। ମାଛ ଦେହରେ ପୁଷ୍ଟିସାର ପ୍ରଚୁର ପରିମାଣର ଥାଏ। ଏହା ଗୋଟିଏ ସୁରକ୍ଷିତ ଖାଦ୍ୟପଦାର୍ଥ। ରାଷ୍ଟ୍ରୀୟ ଆର୍ଥିକ ବ୍ୟବସ୍ଥାରେ ମତ୍ସ୍ୟ ପାଳନର ଗୁରୁତ୍ୱକୁ ବିଭିନ୍ନ ସ୍ତରରେ ସ୍ୱୀକାର କରାଯାଇଛି। କିନ୍ତୁ ଦୁର୍ଭାଗ୍ୟବଶତଃ ଏହି ଶିଳ୍ପ ଉପରେ ଜଳବାୟୁ ପରିବର୍ତ୍ତନର କୁପ୍ରଭାବ ଏବଂ ପରିଣାମସ୍ୱରୂପ ଉପକୂଳବର୍ତ୍ତୀ ଅଞ୍ଚଳ ଏବଂ ସେଠିକାର ଅଧିବାସୀଙ୍କ ଆର୍ଥିକ ସ୍ଥିତି ଉପରେ ଯଥେଷ୍ଟ ଧ୍ୟାନ ଦିଆଯାଇନାହିଁ।

ମୀନା: ବାପା, ଅଧିକାଂଶ ସମୟରେ ଦୁନିଆର ବିଭିନ୍ନ ଅଞ୍ଚଳରେ ପାଣିପାଗର ଚରମ ଅବସ୍ଥାର ଖବର ପଢ଼ିବାକୁ ମିଳୁଛି।

ଆନନ୍ଦ: ହଁ, ପ୍ରବଳ ଗ୍ରୀଷ୍ମଲହରୀ, ଭୟଙ୍କର ତୋଫାନ, ମହାବାତ୍ୟା, ଜଙ୍ଗଲରେ ନିଆଁ ଲାଗିବା , ବାଦଲଫଟା ବର୍ଷା, ମରୁଡ଼ି ପଡ଼ିବା, ତୁଷାରପାତ, ହିମଖଣ୍ଡ ତରଳିବା ଆଦି ଖବର ଅନେକ ଜାଗାରୁ ଶୁଣିବାକୁ ମିଳୁଛି।

ଜଲିଆ: ହଁ ଆନନ୍ଦ। ଆମ ଅଞ୍ଚଳରେ ଆମେ ସୁନାମୀକୁ ସାମନା କଲୋ। ହୁଡହୁଡ, ଲୈଲା, ନାଡା, ଫଣି ଆଦି ବାତ୍ୟା ତ କେତେ କ୍ଷୟକ୍ଷତି କଲା। ଆମ କେଉଟ ପରିବାରକୁ ଅନେକ କ୍ଷତି ସହିବାକୁ ହେଲା। ମାଛ ବେପାର ତ ଏମିତିରେ ଖରାପ ଅବସ୍ଥାରେ ଅଛି , ସେସବୁ ଭରଣା ହେବାର ଆଶା ବି ଦେଖାଯାଉ ନାହିଁ।

ଧାରା:ପାଣିପାଗର ଏଭଳି ଚରଣ ଅବସ୍ଥା ଆସିବା ବାସ୍ତବରେ ବିଶ୍ୱର ତାପମାତ୍ରା ବଢ଼ିବା ଓ ଜଳବାୟୁ ପରିବର୍ତ୍ତନର ପ୍ରମାଣ।

ସାଗର: ଏବେ ତ ସମସ୍ତେ ଗ୍ରହଣ କରିଲେଣି ଯେ ଜଳବାୟୁ ପରିବର୍ତ୍ତନ ଗୋଟିଏ ବାସ୍ତବତା। ଏହାର ସମ୍ବନ୍ଧ କୌଣସି ବ୍ୟକ୍ତି ସହିତ ନାହିଁ କି କୌଣସି ଅଞ୍ଚଳ ସହିତ ନୁହେଁ। କୌଣସି ରାଷ୍ଟ୍ର ସହିତ ବି ନୁହେଁ। ବରଂ ପାଞ୍ଚ ମହାଦେଶ ସହିତ ରହିଛି।

ଧାରା:ଜାଣିଛନ୍ତି, ଜାପାନରେ ପାଞ୍ଚଦିନ ଭିତରେ ଜୁଲାଇ ମାସରେ ହେଉଥିବା ବର୍ଷାର ପାଞ୍ଚଗୁଣ ବର୍ଷା ହୋଇଛି। ଗରମ ବାୟୁ ଇଂଲଣ୍ଡକୁ ଦୋହଲାଇ ଦେଲା। ଏ ବର୍ଷ ଆମେରିକାର କାଲିଫର୍ଣ୍ଣିଆର ଜଙ୍ଗଲରେ ଲାଗିଥିବା ଭୟଙ୍କର ନିଆଁ ଅନେକ କ୍ଷୟକ୍ଷତି ଘଟାଇଛି।

ସାଗର: ପାଣିପାଗର ଚରମ ଅବସ୍ଥାର ପ୍ରଭାବ ଆମ ଦେଶରେ ବି ଦେଖାଗଲାଣି। ଏବେ ଦେଶର କୌଣସି ଅଞ୍ଚଳରେ ପ୍ରବଳ ବନ୍ୟା ଆସିଲାଣି ତ କେଉଁଠି ଭୟଙ୍କର ବାତ୍ୟା ଆସି ସବୁକିଛି ଧ୍ୱଂସ କରିଦେଲାଣି। ଆଉ କେଉଁଠି ମରୁଡ଼ି ପଡ଼ିଲାଣି। କେରଳ, ଆସାମ, ଗୁଜରାଟର ବନ୍ୟା ତ ଲୋକଙ୍କ ଜୀବନ ଅସ୍ତବ୍ୟସ୍ତ କରିଦେଲା।

ଆନନ୍ଦ: ସାଗର, ଜଳବାୟୁ ପରିବର୍ତ୍ତନ, ମତ୍ସ୍ୟ ବ୍ୟବସାୟକୁ କିଭଳି ପ୍ରଭାବିତ କରେ।

ଜଲିଆ: ହଁ, ମୁଁ ବି ଏକଥା ଜାଣିବାକୁ ଚାହୁଁଛି। ମୁଁ ବି ଏ ବିଷୟରେ ଅଧିକ କିଛି ଜାଣିନାହିଁ।

ସାଗର: କିଛି ଚିନ୍ତା ନାହିଁ ଜଲିଆ, ଆମେ ଏବେ ଯେଉଁ ବିଷୟରେ କଥା ହେବା ତମକୁ ଅନେକ ବିଷୟ ଜଣାପଡ଼ିଯିବ। ଆଚ୍ଛା ମୁଁ ଭାବୁଛି, ମତ୍ସ୍ୟ ପାଳନ ଉପରେ ଜଳବାୟୁ ପରିବର୍ତ୍ତନର ଭୌତିକ ଆଉ ଜୈବିକ ପ୍ରଭାବ ବିଷୟରେ କଥା ହେବା।

ଧାରା:ମତ୍ସ୍ୟ ପାଳନ ଉପରେ ଆଉ କେତେ ଚାପ ବି ରହିଛି।

ଆନନ୍ଦ: ସେସବୁ କ'ଣ ଭାଉଜ?

ଧାରା:ଯେମିତିକ ମାଛଙ୍କୁ ଅତ୍ୟଧିକ ଦୋହନ କରିବା, ସେମାନଙ୍କ ବାସସ୍ଥାନର ଅବସ୍ଥା ଖରାପ ହେବା, ପ୍ରଦୂଷଣ, ନୂଆ ନୂଆ ପ୍ରଜାତି ସାମିଲ ହେବା ଆଦି।

ମୀନା: ଏସବୁ ବିଷୟରେ ସଂକ୍ଷେପରେ ହେଉ ପଛେ , ଆଲୋଚନା କରିବା ଜରୁରୀ।

ସାଗର: ହଁ ଝିଅ। ନିଶ୍ଚୟ। ଜଳୀୟ ପରିବେଶରେ ଜୈବ ଭୌତିକ ଗୁଣ ପରିବର୍ତ୍ତନ ହେଉଛି। ତା ସହିତ ପାଣିପାଗର ଚରଣ ପରିବର୍ତ୍ତନ ଘଟଣା ମାନ ବି ଘଟୁଛି। ଆଉ ଏ ସବୁ ମାଛଙ୍କୁ ସୁହାଉଥିବା ପରିବେଶ ଉପରେ ବିଶେଷ ପ୍ରଭାବ ପଡ଼ିବ।

ଜଲିଆ: ଆଗେ ଯେଉଁ ମାଛ ମିଳୁଥିଲା ଏବେ ସେଥିରୁ କିଛି ପ୍ରଜାତି ଆଜିକାଲି ଦେଖାଯାଉ ନାହାନ୍ତି।

ମୀନା: ତା ମାନେ କିଛି ପ୍ରଜାତି ଲୋପ ପାଇଯାଉଛି।

ଆନନ୍ଦ: ହଁ ମୀନା। ମୋ ମତରେ ଏଭଳି ବିଲୁପ୍ତି ସବୁ ଜାଗାରେ ହେଉଛି।

ସାଗର: ମାଛ ପ୍ରଜାତି ବିଲୁପ୍ତିର କାରଣ ହେଉଛି ସ୍ଥାନୀୟ ଉପଯୋଗ ତୁଳନାରେ ଉତ୍ପାଦନ କମ୍ ହେଉଛି।

ମୀନା: କିଛି ମାଛ ପ୍ରଜାତିର ପଳାୟନ ବି ଜଳବାୟୁ ପରିବର୍ତ୍ତନର ପରିଣାମ। ଠିକ ନା ବାପା?

ସାଗର: ହଁ ମୀନା। ମାଛ ଅନୁକୂଳ ଜଳବାୟୁ ଥିବା ଜଳୀୟ ପରିବେଶ ଆଡ଼କୁ ପଳାୟନ କରନ୍ତି।

ଜଲିଆ: ସାଗର! ଆମର ଏଠୁ ବି କିଛି ପ୍ରଜାତ ମାଛ ପଳାୟନ କରିଯାଇଥିବେ। ଆମ କେଉଟଭାଇମାନଙ୍କ ଉପରେ ଏହାର ବହୁତ ଅଧିକ ପ୍ରଭାବ ପଡୁଛି। ଆମେ ସେ ମାଛଙ୍କୁ ଖୋଜିବା ପାଇଁ ଆମ ଜଳୀୟ ସୀମା ବାହାରକୁ ଯାଇପାରିବା ନାହିଁ!!

ସାଗର: ତମ କଥା ଠିକ। ଏସବୁ କଥା ଖାଦ୍ୟ ସୁରକ୍ଷା ଉପରେ ପ୍ରଭାବ ପକାଏ। ଆହୁରି ପୁଣି ରପ୍ତାନୀ ପାଇଁ ଚାଷ ହେଉଥିବା ମାଛ କ୍ଷୁଦ୍ର ଉଦ୍ୟୋଗ ଦ୍ୱାରା ଯୋଗା ଯାଇଥାଏ। ମାଛ ଉତ୍ପାଦନ କମିଯିବାରୁ ମାଛ ରପ୍ତାନୀରୁ ଆମଦାନୀ କମିଯାଉଛି।

ଜଲିଆ: ମୁଁ ଭାବୁଛି ଏଭଳି ପରିସ୍ଥିତି ସବୁଦିନେ ରହିବନାହିଁ।

ଧାରା: ନା ଜଲିଆ ଭାଇ। ବାୟୁମଣ୍ଡଳ ଆଉ ସମୁଦ୍ର ଦୁଇଟିଯାକ ଆସନ୍ତା ପଚାଶ ବର୍ଷ ଯାଏଁ ଗରମ ହେଉଥିବ। ତାପ ବଢ଼ିବା ଆଉ ହିମଖଣ୍ଡ ତରଳିବା ଯୋଗୁ ସମୁଦ୍ରର ଜଳସ୍ତର ବଢ଼ିବ। ସମୁଦ୍ରରେ ଅମ୍ଳୀୟତା ବଢ଼ିବ ଏବଂ ପାଣିପାଗ ଚକ୍ରରେ ବି ସ୍ଥାନୀୟ, ଆଞ୍ଚଳିକ ଏବଂ ବିଶ୍ୱ ସ୍ତରରେ ପରିବର୍ତ୍ତନ ଆସିପାରେ।

ଜଲିଆ: ଏସବୁ ବଡ଼ ବଡ଼ ବିଜ୍ଞାନ କଥା ମୁଁ ବୁଝିପାରୁନାହିଁ।

ସାଗର: ଠିକ ଅଛି ଜଲିଆ। କିଛି ବି କଥା ଯଦି ତମେ ବୁଝିପାରିଛ ତାହେଲେ ତମ ଲୋକଙ୍କୁ ସଚେତନ କରିପାରିବ।

ଜଲିଆ: ଦୟାକରି ମତେ କୁହନ୍ତୁ । ଆପଣମାନଙ୍କଠାରୁ ବହୁତ କିଛି ଜାଣିପାରିବି।

ସାଗର: ମତ୍ସ୍ୟ ପାଳନ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ସହିତ ଭୌତିକ ଆଉ ଜୈବିକ ପରିବର୍ତ୍ତନ ବି ରହିଛି।

ଆନନ୍ଦ: ଆଚ୍ଛା!! ସେ ପୁଣି କ'ଣ?

ମୀନା: ବାପା, ମୁଁ କହିବି।

ସାଗର: ହଁ ହଁ ଝିଅ, କହ।

ମୀନା: ଭୌତିକ ପରିବର୍ତ୍ତନରେ ସମୁଦ୍ର ପୃଷ୍ଠର ତାପମାତ୍ରା ବଢ଼ିବା, ସାମୁଦ୍ରିକ ଜଳସ୍ତର ବଢ଼ିବା, ସମୁଦ୍ର ପାଣିରେ ଲବଣତା ଏବଂ ଅମ୍ଳୀୟତାରେ ପରିବର୍ତ୍ତନ ଆଦି ରହିଛି।

ଆନନ୍ଦ: ସାଗର, ଆମକୁ ବିଶ୍ୱ ତାପମାତ୍ରା ବିଷୟରେ ଜଣାଅଛି । ସମୁଦ୍ର

ସାରା ବିଶ୍ୱରୁ ବାହାରୁଥିବା ତାପକୁ ଶୋଷିନିଏ। କିନ୍ତୁ ଜଳସ୍ତରର ପୃଷ୍ଠଭାଗରେ ତାପମାତ୍ରା ବଢ଼ିଲେ ତାହା ମାଛଚାଷକୁ କେମିତି ପ୍ରଭାବିତ କରିବ?

ସାଗର: ଆନନ୍ଦ, ସମୁଦ୍ରର ତାପମାତ୍ରା ବୃଦ୍ଧି ମାଛର ଜୈବିକ ପ୍ରକ୍ରିୟା ସହିତ ତା'ର ବିକାଶ, ପ୍ରଜନନ ଏବଂ ପହଁରିବା କ୍ଷମତାକୁ ବି ଗଭୀରଭାବରେ ପ୍ରଭାବିତ କରେ। ସମୁଦ୍ର ପାଣି ମାଛ ପାଇଁ ଅନୁକୂଳ ନ ରହିବା ଯୋଗୁ ସେମାନଙ୍କ ସଂଖ୍ୟା କମିବାରେ ଲାଗିଛି ଏବଂ ମତ୍ସ୍ୟଚାଷ ଉଦ୍ୟୋଗ ଏବଂ ବନ୍ଦ ହେବା ଅବସ୍ଥାରେ ପହଞ୍ଚିଲାଣି। ସମୁଦ୍ର ଛଡ଼ା ଅନ୍ୟ ଜଳୀୟ ସାଧନକୁ ବି ଏହିଭଳି ବିପଦ ଆସୁଛି।

ମୀନା: ବାପା, ଆମ ସାର୍ କହୁଥିଲେ ଯେ ମାଛମାନେ ତାପମାତ୍ରା ପ୍ରତି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥାନ୍ତି । ସେଥିପାଇଁ ଯେଉଁ ପାଣି ତାଙ୍କ ଶାରୀରିକ ପ୍ରକ୍ରିୟା ପାଇଁ ଅନୁକୂଳ ହୁଏ ସେମାନେ ସେ ଦିଗକୁ ଚାଲିଯାଆନ୍ତି। ଯଦି ପାଣିର ତାପମାତ୍ରା କୌଣସି ପ୍ରଜାତିର ସର୍ବାଧିକ ସହନଶକ୍ତି ଠାରୁ ଅଧିକ ହୋଇଗଲେ ତା 'ର ଅସ୍ତିତ୍ୱ ପ୍ରତି ସଙ୍କଟ ଦେଖାଦିଏ।

ଆନନ୍ଦ: ସାଗର, ତମେ ସାମୁଦ୍ରିକ ଜଳସ୍ତର ବଢ଼ିବା କଥା କହୁଥିଲ।

ଧାରା:ମୁଁ କହୁଛି ଆନନ୍ଦ ଭାଇ। ବିଂଶ ଶତାବ୍ଦୀରେ ତାପମାତ୍ରା ବଢ଼ିବା ଯୋଗୁ ସାରା ଦୁନିଆରେ ସାମୁଦ୍ରିକ ଜଳସ୍ତର ଏମିତି ବି ବଢ଼ିଛି। ଯଦି ଅଙ୍ଗାରକାମ୍ଳ ଆଉ ଅନ୍ୟ ସବୁଜକୋଠରୀ ବାଷ୍ପର ଉତ୍ସର୍ଜନ ଏହିଭଳି ଚାଲୁ ରହେ ତାହେଲେ ସାମୁଦ୍ରିକ ଜଳ ସ୍ତର ଚଳିତ ଶତାବ୍ଦୀର ଶେଷ

ବେଳକୁ ଆଗରୁ କରାଯାଇଥିବା ଭବିଷ୍ୟବାଣୀର ଦୁଇଗୁଣ ବଢ଼ିଯିବ। ବୈଜ୍ଞାନିକଙ୍କ ଅଧ୍ୟୟନ ଅନୁସାରେ ଏହି ଶତାବ୍ଦୀର ଶେଷ ବେଳକୁ ଜଳସ୍ତର ବଢ଼ିବା ଯୋଗୁ ସାରା ଦୁନିଆରେ ଉପକୂଳ ଅଞ୍ଚଳର ଜନବସତି ପାଇଁ ବିପଦର କାରଣ ହେବ।

ଜଲିଆ: ଏହାର ମାଛ ଚାଷ ଉପରେ କି ପ୍ରଭାବ ପଡ଼ିବ?

ଧାରା:ଉପକୂଳ ଅଞ୍ଚଳରେ ଜଳସ୍ତର ବୃଦ୍ଧି ମୁହାଣର ବସ୍ତି ଉଜାଡ଼ିଦେ , ତଳିଆ ଅଞ୍ଚଳରେ ବନ୍ୟା ଆସିପାରେ, ଏବଂ ଜଳଜ ଉଦ୍ଭିଦ କମିଯାଇପାରେ। ଉପକୂଳ ଅଞ୍ଚଳରେ ପ୍ରଜନନ ପାଇଁ ନିର୍ଭର କରୁଥିବା ପ୍ରଜାତି ଉପରେ ବି ଏହାର କୁପ୍ରଭାବ ପଡ଼ିବ।

ସାଗର: ଜଳସ୍ତର ବଢ଼ିଲେ ବନ୍ଦର , ମାଛ ଧରିବା ପାଇଁ ଥିବା ଜେଟି, ଶୀତଳଭଣ୍ଡାର ଆଦି ବି ବିପଦରେ ପଡ଼ିପାରେ। ଏସବୁର ପ୍ରଭାବ ମତ୍ସ୍ୟ ଉତ୍ପାଦନ, ସଂରକ୍ଷଣ, ବିକ୍ରୟ ଆଦି ଉପରେ ନକାରାତ୍ମକ ପ୍ରଭାବ ପଡ଼ିବ।

ଜଲିଆ: ଆମେ ସମୁଦ୍ର ପାଣିକୁ ମଧୁର ଜଳସ୍ରୋତ ଆଡ଼କୁ ଯାଇ ମିଶିବାର ଦେଖିଛୁ।

ସାଗର: ତମ କଥା ଠିକ। ସମୁଦ୍ର ସ୍ତର ବଢ଼ିଲେ ସମୁଦ୍ର ପାଣି ସ୍ଥଳଭାଗର ବା ଅନ୍ୟ ମଧୁର ଜଳ ସ୍ରୋତରେ ଯାଇ ମିଶିବାର ସମ୍ଭାବନା ରହିଛି। ସ୍ଥଳଭାଗର ମତ୍ସ୍ୟ ପାଳନ ଆଉ ଜଳକୃଷି ଉପରେ ଏହାର କୁପ୍ରଭାବ ପଡ଼ିବ।

ମୀନା: ଜଳବାୟୁ ପରିବର୍ତ୍ତନ ଯୋଗୁ ସମୁଦ୍ର ଜଳରେ ଲବଣତା ବଢୁଛି।

ଧାରା:ହଁ ମୀନା। ବାସ୍ତବରେ ଜଳବାୟୁ ପରିବର୍ତ୍ତନ ଯୋଗୁ ପାଣିର ଲବଣତା ବୃଦ୍ଧି ହୋଇପାରେ ବା କମିପାରେ। ଗ୍ରୀଷ୍ମ ମଣ୍ଡଳୀୟ ଅଞ୍ଚଳରେ ଲବଣତା ବଢୁଛି। ମେରୁ ଅଞ୍ଚଳର ସମୁଦ୍ର ପାଣି ଧୀରେ ଧୀରେ ମଧୁର ହୋଇ ଯାଉଛି।

ଆନନ୍ଦ: ତା ମାନେ ପାଣିରେ ବଢୁଥିବା ଲବଣତା ଯୋଗୁ ଗ୍ରୀଷ୍ମ ମଣ୍ଡଳୀୟ ସମୁଦ୍ର ଅଧିକ ପ୍ରଭାବିତ ହେଉଛି।

ସାଗର: ହଁ ଆନନ୍ଦ।

ଜଲିଆ: ଲବଣତା ବଢ଼ିଲେ ମାଛ ପାଳନ ଉପରେ କି ପ୍ରଭାବ ପଡ଼େ ସାଗର?

ସାଗର: ଜଲିଆ, ତମେ ସମୁଦ୍ର ଆଉ ମଧୁର ପାଣିରେ ଭାସୁଥିବା ଅତି ଛୋଟ ଛୋଟ ଜୀବଙ୍କୁ ଦେଖିଥିବ। ଏସବୁକୁ ପ୍ଲବକ ବା ପ୍ଲାଙ୍କଟନ୍ କୁହାଯାଏ।

ଜଲିଆ: ହଁ ମୁଁ ଦେଖିଛି।

ମୀନା: ଏସବୁ ସାମୁଦ୍ରିକ ଖାଦ୍ୟଶୃଙ୍ଖଳାର ଆଧାର।

ସାଗର: ଠିକ କଥା। ପାଣିରେ ଲବଣତା ପରିବର୍ତ୍ତନର କୁପ୍ରଭାବ ପ୍ଲବକ ଉପରେ ପଡ଼େ। ଫଳେ ଏହା ଜଳୀୟ ଖାଦ୍ୟଶୃଙ୍ଖଳାର ଦ୍ୱିତୀୟ ପ୍ରାଥମିକ ବା ଅନ୍ୟ ଶ୍ରେଣୀର ଉତ୍ପାଦକ ଉପରେ ପଡ଼େ। ଖାଦ୍ୟଶୃଙ୍ଖଳରେ ବାଧା ଆସିବା ଯୋଗୁ ମତ୍ସ୍ୟ ପାଳନ ଉପରେ ପ୍ରତିକୂଳ ପ୍ରଭାବ ପଡ଼େ।

ଧାରା:କେବଳ ସେତିକି ନୁହେଁ, ପରିବେଶର ଜୀବଜନ୍ତୁଙ୍କ ଅସ୍ତିତ୍ୱ ଲବଣତା ହିଁ

ନିର୍ଦ୍ଧାରଣ କରେ।

ମୀନା: କେମିତି ମା?

ଧାରା:ମୀନା, ଏହା ଦୁଇ ପ୍ରକାରରେ ହୁଏ। ଜୀବଜନ୍ତୁଙ୍କୁ ପ୍ରତ୍ୟକ୍ଷ ଭାବରେ ପ୍ରଭାବିତ କରି ବା ପରୋକ୍ଷ ଭାବରେ ସେମାନଙ୍କ ଆବାସସ୍ଥଳୀ ନଷ୍ଟ କରି। ଏଥିରେ ସେମାନଙ୍କର ପ୍ରଜନନ ଆଉ ପାଳନ କ୍ଷେତ୍ର ବି ସାମିଲ ଅଛି। ପାଣିରେ ଲବଣତା ବଢ଼ିବା ଯୋଗୁ ଅଧିକାଂଶ ହେନ୍ତାଳ ବଣ ବି ନଷ୍ଟ ହୋଇଯାଉଛି।

ଜଲିଆ: ଏବେ ମୁଁ ବୁଝିପାରିଲି। ପାଣିରେ ଲବଣତା ବଦଳିଯିବା ଯୋଗୁ ହିଁ ଆମ ଅଞ୍ଚଳରେ ମାଛ ସଂଖ୍ୟା କମିଯାଉଛି। ଆମ ମାଛଧରାଳୀ ଭାଇମାନଙ୍କୁ ଜୀବନଯାପନ ପାଇଁ ଏତେ ସଂଘର୍ଷ କରିବାକୁ ହେଉଛି।

ଧାରା:ଜଲିଆ ଭାଇ, ସମୁଦ୍ରରେ ଅମ୍ଳର ପରିମାଣ ବଢ଼ିବା ବି ମାଛ ସଂଖ୍ୟା କମିବାର କାରଣ ହୋଇପାରେ।

ଜଲିଆ: ସମୁଦ୍ରର ଅମ୍ଳ ପରିମାଣ? କେମିତି ହୁଏ?

ସାଗର: ଦେଖ ଜଲିଆ। ସମୁଦ୍ରର ଗୋଟିଏ ବଡ଼ ଗୁଣ ହେଉଛି ସେ ମଣିଷର କ୍ରିୟାକଳାପ ଯୋଗୁ ଉତ୍ସର୍ଜିତ ଅଙ୍ଗାରକାମ୍ଳ ବାଷ୍ପର ଅଧିକାଂଶ ଭାଗ ଶୋଷି ନେଇପାରେ। ଏହି ବାଷ୍ପ ପାଣିରେ ମିଶିବା ଦ୍ୱାରା ଅଙ୍ଗାରକ ଅମ୍ଳରେ ପରିଣତ ହୁଏ। ସମୁଦ୍ରରେ ଅମ୍ଳୀୟତା ଚିନ୍ତାଜନକ ଭାବରେ ବଢୁଥିବାର ଏହା ହିଁ କାରଣ। ଏହି ସ୍ଥିତି ସାମୁଦ୍ରିକ ପରିବେଶକୁ ଭୟଙ୍କର ପ୍ରଭାବିତ କରିବ।

ଜଲିଆ: ସମୁଦ୍ରର ଅମ୍ଳୀୟତା ଯୋଗୁ ମତ୍ସ୍ୟପାଳନ କାହିଁକି ପ୍ରଭାବିତ ହେବ?

ଧାରା:କାରଣ ବୟସ୍କ ମାଛ ଅମ୍ଳୀୟ ପାଣି ବା ପାଣିରେ ଅଙ୍ଗାରକାମ୍ଳ ବଢ଼ିବାକୁ ସହିଯାଇ ପାରନ୍ତି, କିନ୍ତୁ ସେମାନଙ୍କ ଅଣ୍ଡା ବା ଛୋଟ ଛୁଆ ଏସବୁ ସହି ପାରନ୍ତିନାହିଁ।

ସାଗର: ସମୁଦ୍ର ଅମ୍ଳ ହେବା ଯୋଗୁ ଖାଦ୍ୟଶୃଙ୍ଖଳାରେ ପ୍ରାଣୀପ୍ଲବକ ଏବଂ ଅମେରୁଦଣ୍ଡୀ ପ୍ରାଣୀଙ୍କ ବୃଦ୍ଧିକୁ ଧୀମା କରିଦିଏ , ସେଥିପାଇଁ ଉତ୍ପାଦନଶୀଳତା ଉପରେ ଅତି କୁପ୍ରଭାବ ପଡ଼େ। ଜଟିଳ ଖାଦ୍ୟଶୃଙ୍ଖଳା ତନ୍ତ୍ରରେ ବାଧା ଆସେ ଫଳରେ ମାଛର ପ୍ରଜନନ ଉପରେ ପ୍ରଭାବ ପଡ଼େ। ଏହାର ସାମାଜିକ ଅର୍ଥନୀତିକ ପ୍ରଭାବ ବହୁତ ହୁଏ।

ମୀନା: ଜଳବାୟୁ ପରିବର୍ତ୍ତନ ଯୋଗୁ ଜୈବିକ ପରିବର୍ତ୍ତନ ବି ହୁଏ।

ସାଗର: ହଁ ମୀନା, ଏଥିରେ ପ୍ରାଥମିକ ଉତ୍ପାଦନ ଆଉ ବିତରଣରେ ପରିବର୍ତ୍ତନ ଆସେ। ପ୍ରାଥମିକ ଉତ୍ପାଦନ କମିଯିବା ଯୋଗୁ କମ୍ ପରିମାଣର ମାଛ ମିଳେ। ପ୍ରାଥମିକ ଉତ୍ପାଦନକୁ ପ୍ରଭାବିତ କରିବା ପାଇଁ ମୁଖ୍ୟ କାରଣ ହେଉଛି ତାପମାତ୍ରା ବୃଦ୍ଧି।

ଧାରା:ମାଛ ବିତରଣରେ ହେଉଥିବା ପରିବର୍ତ୍ତନ ଯୋଗୁ ମାଛଚାଷରେ ହେଉଥିବା ଲାଭ ଆଦି ବି ବଦଳିଯାଉଛି। କିଛି ଦେଶ ଲାଭ ଉଠାଉଛନ୍ତି ତ ଆଉ କିଛି ଦେଶର କ୍ଷତି ହେଉଛି।

ଆନନ୍ଦ: କେମିତି ଭାଉଜ?

ଧାରା:ମାଛମାନେ ବାୟୁମଣ୍ଡଳର ପରିବର୍ତ୍ତନ ଯେମିତି ଉଷୁମ ପାଣି ଆଦିକୁ ପ୍ରତିକ୍ରିୟା ଦେଖାନ୍ତି। ମାଛମାନଙ୍କର ଦେଶାନ୍ତରୀ ଧାରାରେ ବି ପରିବର୍ତ୍ତନ ଆସେ। କିଛି ମାଛ ପ୍ରଜାତି ଉପଯୁକ୍ତ ଆବାସସ୍ଥଳୀ ଖୋଜି ଉତ୍ତର ଆଡ଼କୁ ଚାଲିଯାଆନ୍ତି। ସେଥିପାଇଁ ଉତ୍ତର ଆଡ଼କୁ ମାଛ ଉତ୍ପାଦନ ବଢୁଛି। ଅପରପକ୍ଷେ ଦକ୍ଷିଣ ଆଡ଼କୁ ମାଛ ଉତ୍ପାଦନ କମେ ଆଉ କିଛି ପ୍ରଜାତି ବି ଲୋପ ପାଇଯାଉଛନ୍ତି।

ଜଲିଆ: ଆଚ୍ଛା, ସାମାଜିକ ଆର୍ଥିକ ପ୍ରଭାବ ବିଷୟରେ ବି କିଛି କୁହନ୍ତୁ।

ଧାରା:ଏବେ ଦେଢ଼ଟା ବାଜିଲାଣି। ଖାଇବା ସମୟ ହୋଇଗଲାଣି। ଆପଣ ସମସ୍ତଙ୍କ ପାଇଁ ଖାଇବା ହୋଇଛି। ଆପଣମାନଙ୍କ ପାଇଁ ବିଶେଷ କରି ମାଛ ରୋଷେଇ ହୋଇଛି। ଆସନ୍ତୁ ସମସ୍ତେ ଆଗ ଖାଇନିଅନ୍ତୁ।

(ପ୍ଲେଟର ଶବ୍ଦ)

ଜଲିଆ/ଆନନ୍ଦ: ଧନ୍ୟବାଦ ଭାଉଜ। ଖାଇବା ବହୁତ ଭଲ ହୋଇଥିଲା।

ଜଲିଆ: ସାଗର! ମୁଁ ଜାଣିବାକୁ ଚାହୁଁଥିଲି ଯେ ଜଳବାୟୁ ପରିବର୍ତ୍ତନ ଯୋଗୁ ସାମାଜିକ ଆର୍ଥିକ ସ୍ଥିତି କିଭଳି ପ୍ରଭାବିତ ହୁଏ।

ସାଗର: ହଁ ସେଇଟା ତ ବହୁତ ଗୁରୁତ୍ୱପୂର୍ଣ୍ଣ। ଆମ ସମସ୍ତଙ୍କର ଜାଣିବା ଉଚିତ ଯେ ସହନୀୟ ମତ୍ସ୍ୟପାଳନ ଯୋଗୁ ରାଜସ୍ୱ ଆଦାୟ ହୁଏ ଏବଂ ଦାରିଦ୍ର୍ୟ ଦୂର ହୁଏ। ଫଳରେ ମୌଳିକ ସ୍ତରରେ ଏହା ସାମାଜିକ ଆର୍ଥିକ ଦୃଷ୍ଟିରୁ ବିକାଶ ଆଣିଥାଏ। କିନ୍ତୁ ଜଳବାୟୁ ପରିବର୍ତ୍ତନ ଯୋଗୁ ବିକାଶଶୀଳ ଦେଶରେ ମୁଣ୍ଡ ପିଛା ଖାଦ୍ୟର ପରିମାଣ କମୁଛି।

ଧାରା:ମତ୍ସ୍ୟଚାଷ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବ ଯୋଗୁ ଖାଦ୍ୟ ସୁରକ୍ଷା ପ୍ରଭାବିତ ହେଉଛି। ତା ସହିତ ଜଳଜ ଖାଦ୍ୟର ଉପଲବ୍ଧତା, ଯୋଗାଣରେ ସ୍ଥିରତା , ଜଳଜ ଖାଦ୍ୟ ମିଳିବା ଆଦି ସବୁ ଜଳବାୟୁ ପରିବର୍ତ୍ତନ ଯୋଗୁ ପ୍ରଭାବିତ ହେଉଛି। ମାଛର ଅତ୍ୟଧିକ ଦୋହନ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ ଆହୁରି ବଢ଼ାଇ ଦେଉଛି। କାରଣ ଏହାଦ୍ୱାରା ଏଭଳି ପରିସ୍ଥିତି ଉତ୍ପନ୍ନ ହେଉଛି ଯାହା ମାଛକୁ ଜଳବାୟୁ ପରିବର୍ତ୍ତନ ପ୍ରତି ଅଧିକ ସମ୍ବେଦନଶୀଳ କରିଦେଉଛି।

ସାଗର: ବିଶେଷଜ୍ଞଙ୍କ ମତରେ ଚଳିତ ଶତାବ୍ଦୀର ମଝି ଯାଏଁ ଜଳବାୟୁ ପରିବର୍ତ୍ତନ ଯୋଗୁ ସାରା ଦୁନିଆରେ ଲକ୍ଷ ଲକ୍ଷ ଲୋକଙ୍କୁ ରହିବା ପାଇଁ ନୂଆ ଜାଗା ଖୋଜିବାକୁ ହେବ। ବିଶେଷ କରି ମତ୍ସ୍ୟଚାଷୀଙ୍କୁ ଏ ସମସ୍ୟ ଅଧିକ ଭୋଗିବାକୁ ହେବ। ଆମ ଦେଶରେ ବି ଜଳବାୟୁର ପ୍ରକୋପ ଯୋଗୁ କେତେ କେତେ ଥର ବିସ୍ଥାପନ ହୋଇଛି।

ଜଲିଆ: ଆଶାକରୁଛୁ ଯେ ମତ୍ସ୍ୟଚାଷୀଙ୍କ ଉପରେ ଜଳବାୟୁ ପରିବର୍ତ୍ତନର ପ୍ରଭାବକୁ କମ୍ କରିବା ପାଇଁ ସରକାର କିଛି କରିବେ।

ସାଗର: ହଁ ଆମକୁ ଖାଦ୍ୟସୁରକ୍ଷାକୁ ସୁନିଶ୍ଚିତ କରିବାକୁ ହେବ। ତା ସହିତ ମତ୍ସ୍ୟଜୀବୀମାନଙ୍କର ସହନଶକ୍ତିକୁ ବଢ଼ାଇବାକୁ ହେବ। ମାଛ ବଜାର ବଢ଼ାଇବା ପାଇଁ ଅର୍ଥ ବିନିଯୋଗକୁ ବଢ଼ାଇବାକୁ ହେବ। ତା ସହିତ ମତ୍ସ୍ୟପାଳନକୁ ବ୍ୟବସ୍ଥିତ ଏବଂ ପ୍ରୋତ୍ସାହିତ କରିବାକୁ ହେବ ଏଥିପାଇଁ ଆବଶ୍ୟକ ଅର୍ଥ ବ୍ୟବସ୍ଥା କରିବା ଜରୁରୀ।

ଜଲିଆ: ମାଛ ବିକିବା ପାଇଁ ଆମକୁ ବଜାର ମିଳୁନାହିଁ, ତା ସହିତ ଆମର

କ୍ଷତି ବି ହେଉଛି।

ସାଗର: ତମ କଥା ଠିକ ଜଲିଆ। ବଜାର ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ହେବ ଯେମିତିକି ମାଛ ଧରିବା ପରେ ସେସବୁ ବିକ୍ରି ହୋଇପାରିବ।

ଜଲିଆ: ଚିଙ୍ଗୁଡ଼ି ଆଉ ବଡ଼ ଚିଙ୍ଗୁଡ଼ି ଆଗେ ବିଦେଶକୁ ଯାଉଥିଲା ନହେଲେ ଅନ୍ୟ ରାଜ୍ୟରେ ବିକ୍ରି ହେଉଥିଲା । ଏବେ କିନ୍ତୁ ତା'ର ମାନ କମିଯିବାରୁ ବିକ୍ରି ହେଉନାହିଁ।

ସାଗର: ମାଛର ଗୁଣବତ୍ତା ବି ବହୁତ ଗୁରୁତ୍ୱପୂର୍ଣ୍ଣ। ଗୁଣବତ୍ତା କମିବାର ସମ୍ପର୍କ ତାପମାତ୍ରା ବୃଦ୍ଧି ସହିତ ରହିଛି। ନହେଲେ ଠିକରେ ନ ଧରିବା ଯୋଗୁ ଖଣ୍ଡିଆ ହୋଇଯାଏ। ଫଳରେ ମାଛର ମୂଲ୍ୟ କମିଯାଏ।

ଆନନ୍ଦ: ଗତ କେତେ ବର୍ଷ ଧରି ମୁଁ ମାଛ ବ୍ୟବସାୟ କରୁଛି । ଅନେକ ଥର ବଜାର ଅବସ୍ଥା ହଠାତ ବଦଳିଯାଏ। ଆମେ ବାଧ୍ୟ ହୋଇ କମ୍ ଦାମ୍‌ରେ ମାଛ ବିକ୍ରି କରିବାକୁ ପଡ଼େ।

ସାଗର: ହଁ। ଆମେ ଆଣ୍ଟିବାୟୋଟିକ୍ସ୍ ଏବଂ ଅନ୍ୟ ବିଷାକ୍ତ ରାସାୟନିକ ପଦାର୍ଥ ବ୍ୟବହାର ନ କରିବା ଦରକାର। ପାରମ୍ପରିକ ଉପାୟରେ ମାଛ ସଂରକ୍ଷଣ ଯେମିତିକି ଲୁଣ ଦେବା, ଧୂଆଁ ଦେବା, ଖରାରେ ଶୁଖାଇବା ଯୋଗୁ ରଙ୍ଗ ବଦଳିବା, ଫିମ୍ପି ମାରିବା, କୀଟ ସଂକ୍ରମଣ ହେବା ଆଦି ହୁଏ। ଏହା ଯୋଗୁ ବି ଗୁଣବତ୍ତା କମେ।

ଧାରା:ମତ୍ସ୍ୟଚାଷକୁ ବଞ୍ଚାଇବା ଏବଂ ମତ୍ସ୍ୟଜୀବୀଙ୍କ ବିସ୍ଥାପନକୁ ଅଟକାଇବା ପାଇଁ କିଛି ନୀତି ନିର୍ଦ୍ଧାରଣ ହେବା ଦରକାର।

ସାଗର: ତମେ ଠିକ କହିଛ ଧାରା । ଜାଣିଛ, ଅନ୍ତଃଜଳୀୟ ମତ୍ସ୍ୟପାଳନ ଏବଂ ଜଳୀୟ କୃଷି ପାଇଁ ତିଆରି ହୋଇଥିବା ପାର୍ଲାମେଣ୍ଟାରୀ କମିଟି ଏବେ ନିକଟରେ ତାଙ୍କ ରିପୋର୍ଟ ଦେଇଛନ୍ତି ।

ଜଲିଆ: ସେ ରିପୋର୍ଟରେ କ'ଣ କୁହାଯାଇଛି ସାଗର?

ସାଗର: କମିଟି ମତରେ ଭାରତୀୟ ମତ୍ସ୍ୟପାଳନ ଗଭୀର ସମୁଦ୍ରରେ ମାଛ ଧରିବା ପାଇଁ ଉପଲବ୍ଧ ଆଧୁନିକ ଜ୍ଞାନକୌଶଳ ପ୍ରତି ଅଜ୍ଞ । ସେଥିପାଇଁ ଅନ୍ୟ ଦେଶ ତୁଳନାରେ ପଛୁଆ ଅଛି। କମିଟି ଜଳବାହନର ଅନିୟନ୍ତ୍ରିତ ଗତି ପ୍ରତି ମଧ୍ୟ ଚିନ୍ତା ପ୍ରକଟ କରିଛି। ଏସବୁ ଯାନବାହନର ଯିବାଆସିବା ଯୋଗୁ ସେଠିକାର ପରିସ୍ଥିତିକୀ ଏବଂ ସ୍ଥାନୀୟ ପ୍ରଜାତିର କ୍ଷତି ହେଉଛି।

ଆନନ୍ଦ: କମିଟି ଆଉ କ'ଣ ସୁପାରିଶ କରିଛି?

ସାଗର: କମିଟି ସୁପାରିଶ କରିଛି ଯେ ମତ୍ସ୍ୟପାଳନ ବି କୃଷି ଭାବରେ ଗଣା ଯାଉ।

ଜଲିଆ: ଆରେ ବାଃ। ଆଉ କ'ଣ ଦରକାର?

ସାଗର: ପାରମ୍ପରିକ ମତ୍ସ୍ୟପାଳନ ସହ ଯୋଡ଼ା ମତ୍ସ୍ୟଜୀବୀ ଏବଂ ଅନ୍ୟମାନଙ୍କୁ ଆଧୁନିକ ଜ୍ଞାନକୌଶଳ ପ୍ରଶିକ୍ଷଣ ଦେବା ବ୍ୟବସ୍ଥା କରିବା ପାଇଁ ବି କମିଟି ସୁପାରିଶ କରିଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ପ୍ରାକୃତିକ ବିପର୍ଯ୍ୟୟରେ ବୀମା ବ୍ୟବସ୍ଥା କରିବା ପାଇଁ କମିଟି କହିଛି।

ଜଲିଆ: କମିଟିର ସବୁ ସୁପାରିଶ ବହୁତ ବଢ଼ିଆ। ଆମ ସମ୍ପ୍ରଦାୟର ଲୋକମାନଙ୍କୁ ଏସବୁ କଥା ପ୍ରତି ଏବଂ ଜଳବାୟୁ ପରିବର୍ତ୍ତନ ବିଷୟରେ

ସଚେତନତା କରିବା ଜରୁରୀ।

ଆନନ୍ଦ/ଜଲିଆ: ଆମ ଆଲୋଚନା ବହୁତ ବଢ଼ିଆ ହେଲା। ଧନ୍ୟବାଦ ସାଗର। ଧନ୍ୟବାଦ ଧାରା ଭାଉଜ। ବିଶେଷ କରି ଆପଣଙ୍କ ମାଛ ତରକାରୀ ପାଇଁ।

ସାଗର: ମତେ ବି ତମମାନଙ୍କଠାରୁ ଅନେକ କିଛି ଜାଣିବାକୁ ମିଳିଲା। ସେଥିପାଇଁ ତମ ଦୁହିଁଙ୍କୁ ଧନ୍ୟବାଦ। ମୁଁ ଉପର ଅଧିକାରୀଙ୍କୁ ରିପୋର୍ଟ ପଠେଇଦେବି। ବହୁତ ଜଲ୍‌ଦି ଗୋଟିଏ ବିଶେଷଜ୍ଞ ଦଳ ଆମ ଗାଁକୁ ଆସିବେ।

ଜଲିଆ: ଆରେ ପାଗ ବଦଳିଲା ଭଳି ଲାଗୁଛି। ଆକାଶରେ ମେଘ ଢାଙ୍କି ଦେଲାଣି। ପବନ ବି ଜୋର ବହିଲାଣି। ମନେହେଉଛି ଝଡ଼ ଆସୁଛି।

ଧାରା:ମୀନା ଟିଭି ଖୋଲିଲୁ। କିଛି ବାତ୍ୟା ସୂଚନା ଆସୁଥାଇପାରେ।

ମୀନା: ବିଜୁଳି ନାହିଁ। ମୁଁ ଟ୍ରାନ୍‌ଜିଷ୍ଟର ଆଣୁଛି।

(ରେଡିଓରେ ଘୋଷଣା: ବାତ୍ୟାର ସତର୍କ ସୂଚନା। ଗୋଟିଏ ବାତ୍ୟା ଓଡ଼ିଶାର ଉପକୂଳ ଆଡ଼କୁ ମୁହାଁଇଛି। ମତ୍ସ୍ୟଜୀବୀ ଭାଇମାନଙ୍କୁ ସମୁଦ୍ର ଭିତରକୁ ନ ଯିବା ପାଇଁ ସତର୍କ କରାଯାଉଛି।)

ଜଲିଆ: ଜଲ୍‌ଦି ଗାଁକୁ ଯାଇ ଲୋକମାନଙ୍କୁ ସତର୍କ କରିଦେବାକୁ ହେବ।

ସାଗର: ଟା ପି ଦେଇ ଯାଅ। ମୁଁ ଡ୍ରାଇଭରକୁ କହିଦେଉଛି ସେ ତମକୁ ପେଣ୍ଠକଟାରେ ଛାଡ଼ିଦେବ।